SRI SRI UNIVERSITY

satyam gyanam anantham brahma

Learn Lead Serve

# NEWS CLIPS FEBRUARY 2024

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

05.02.2024

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର




ତ୍ରିଶୂଳିଆ,୫ ।୨(ନି.ପ୍ର):ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ନବପ୍ରବର୍ତ୍ତନ ଚିନ୍ତାଧାରା ଉପରେ ପର୍ଯ୍ୟବସିତ ଏକ ଦିନିକିଆ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିଳ୍ପ ସହ ଜଡ଼ିତ ଆଗଧାଡ଼ିର ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏକାଠି କରିବାରେ ଏହି ଶିବିର ସଫଳ ହୋଇଥିଲା । କାର୍ଯ୍ୟକ୍ରମରେ ସହଯୋଗୀ ଶିକ୍ଷା ଏବଂ ସକାରାତ୍ମକ ପରିବର୍ତ୍ତନ ପାଇଁ ଏକ ମଞ୍ଚ ପ୍ରଦାନ କରିବାକୁ ବିଶ୍ୱବିଦ୍ୟାଳୟ ପ୍ରତିଶ୍ରୁତିବଦ୍ଧ ଥିବା ମତପ୍ରକାଶ ପାଇଥିଲା ।

ଶିବିରରେ ବୌଦ୍ଧିକ ବିକାଶ ସମ୍ପର୍କିତ ଆଲୋଚନା ସହ ଯୁବପିଢ଼ିଙ୍କ ପାଇଁ ଅନେକ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଶ୍ରୀଶ୍ରୀ ବିଶ୍ୱ ବିଦ୍ୟାଳୟ ସମେତ ନିକଟସ୍ଥ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଇନୋଭେସନ୍ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବରଦା ପ୍ରସନ୍ନ ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ଜୀ, ଷ୍ଟାର୍ଟ ଅପ୍ ଓଡ଼ିଶା ପ୍ରବର୍ତ୍ତକ ରଶ୍ମିରଞ୍ଜନ ସାହୁ ଏବଂ ଟାଟା ଷ୍ଟିଲ୍ ଓଡ଼ିଶା ଶାଖାର ସିଏସଆର ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏମାନଙ୍କ ମଧ୍ୟରେ ବି-୧ ବିଜନେସ ହାଉସ ପ୍ରା. ଲିଃ. ର ବାଣିଜ୍ୟିକ ନିର୍ଦ୍ଦେଶକ ଡ. ରାଜେନ ପାଢ଼ୀ ଏବଂ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିଃ.ର କମ୍ୟୁନିଟି ରିଲେସନ ଏଭିପି ଡ. ଲୋପାମୁଦ୍ରା ପ୍ରିୟଦର୍ଶିନୀ ଅଭିଭାଷଣରେ ନୂଆକରି ଅଭ୍ୟୁଦୟ ହେଉଥିବା ଶିଳ୍ପସଂସ୍ଥାଗୁଡ଼ିକର ସ୍ଥିର ପ୍ରଦର୍ଶନ ପାଇଁ ଅନେକ ପ୍ରକାରର ମତ ରଖିଥିଲେ । ଏଥିରେ ମେକେମ୍ ପ୍ରା. ଲିଃ.ର ନିର୍ଦ୍ଦେଶକ ଶ୍ରୀ ଜେ. କେ. ରଥ, ଆଲୁମ୍ ନେଟୱର୍କ ପ୍ରା. ଲିଃ.ର ପ୍ରତିଷ୍ଠାତା ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ଚିତ୍ରାଲା ପ୍ରମୁଖ ଶିଳ୍ପୋଦ୍ୟୋଗ କ୍ଷେତ୍ରରେ ନିଜର ଦୁଃସାହସିକ ଯାତ୍ରାର ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଥିଲେ । ସାର୍ବଜନୀନ ନୀତି ଓ ସୁଶାସନ ବ୍ୟବସ୍ଥା ଉପରେ ଇଡିଆଇର ପୂର୍ବାଞ୍ଚଳ ମୁଖ୍ୟ ଡଃ. ସୁବ୍ରତ କୁମାର ବିଶ୍ୱାଳ ଉପସ୍ଥିତ ଶ୍ରୋତାଙ୍କ ସନ୍ଦେହ ମୋଚନ କରିଥିଲେ ।ସମାଜ କୃଷ୍ଣ

rissadiary.com
05.02.2024

**Boot Camp Of Sri Sri University: A Glimpse Of Fostering Innovation**

Cuttack– Requirement is the mother of invention, it has been proved once more in the eve of the Boot Camp (Innovation spirit) held on 3rd Feb. 2024 in the premises of Sri Sri University, Cuttack. The Boot Camp held at the university's campus, brought together a constellation of industry leaders, entrepreneurs, and experts to delve into the realms of innovation, entrepreneurship, and sustainable development. It was really a ground breaking gala event and a true path finder for those people who need to survive in the crowd by the entrepreneurial tricks.

The Boot Camp at Sri Sri University marked a significant step towards fostering innovation, sustainable practices, and entrepreneurial spirit. The event encapsulated the university's commitment to providing a dynamic platform for collaborative learning and catalysing positive change.

The event was not only an intellectual feast, but also a platform for the youth, with active participation from students of Sri Sri University and other neighbouring institutions. Student volunteers played a pivotal role in ensuring the smooth execution of the Boot Camp, showcasing the university's commitment to nurturing the leaders of tomorrow.

The Camp commenced with a warm welcome speech by Dr. Barada P. Panigrahy, CEO of SSU Innovation Foundation, the incubation centre of Sri Sri University. Distinguished guests graced the occasion, including Swami Satyachaitanya Ji, Director Operations at Sri Sri University, Mr. Rashmi Ranjan Sahu, Evangelist Start Up Odisha and Dr. Ambika Prasad Nanda, Head CSR, Tata Steel, Odisha. The key highlight was the insightful addresses by Mr. Rajen Padhi, Commercial Director, B One Business House Pvt. Ltd., and Dr. Lopamudra Priyadarshini, AVP, Head of Community Relations & Sustainability at Hindalco Industries Limited on support system for budding entrepreneurs.

The Camp also provided a platform for aspiring and budding entrepreneurs to get insights from Mr. J. K. Rath, Director, Mechem Pvt. Ltd., and Mr. Chandrasekhar Chitrala, Founder & CEO, Alum Networks Pvt. Ltd., to share their entrepreneurial journeys and insights into innovation. Dr. Subrat Kumar Biswal, Regional Head, EDI, Eastern Region, brought his expertise in public policy and governance to the forefront, enriching the audience with valuable insights.

Link:https://indiaeducationdiary.in/boot-camp-of-sri-sri-university-a-glimpse-of-fostering-innovation/

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ

ପ୍ରଗତିବାଦୀ

PRAGATIVADI ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ ■ FOUNDER PRADYUMNA BAL

**05.02.2024**

# 'ଉଦ୍ୟମିତାର ବିକାଶ ପାଇଁ ପ୍ରକୃଷ୍ଟ ମଞ୍ଚ'




ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର

କଟକ,୪।୨ (କାର୍ତ୍ତିକ ସାହୁ)

ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭବିଷ୍ୟତର ନାଗରିକ ଗଠନରେ ବିଶ୍ୱବିଦ୍ୟାଳୟର ଭୂମିକା ଖୁବ ସୁନ୍ଦର। ଉଦ୍ୟମିତାର ବିକାଶ ପାଇଁ ପ୍ରଶିକ୍ଷଣ ଶିବିର ପ୍ରକୃଷ୍ଟ ମଞ୍ଚ ବୋଲି ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ କହିଛନ୍ତି।

ବିଶ୍ୱବିଦ୍ୟାଳୟ ଇନୋଭେସନ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବରଦା ପ୍ରସନ୍ନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ଜୀ, ଷ୍ଟାର୍ଟ ଅପ୍ ଓଡ଼ିଶା ପ୍ରବର୍ତ୍ତକ ରଶ୍ମିରଞ୍ଜନ ସାହୁ ଏବଂ ଟାଟା ଷ୍ଟିଲ ଓଡ଼ିଶା ଶାଖାର ସିଏସ୍ଆର ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବି-୧ ବିଜନେସ ହାଉସ ପ୍ରା. ଲି.ର ବାଣିଜ୍ୟିକ ନିର୍ଦ୍ଦେଶକ ଡ. ରାଜେନ ପାଢ଼ୀ ଏବଂ ହିଣ୍ଡାଲକୋ ଇଣ୍ଡଷ୍ଟ୍ରୀଜ ଲି.ର କମ୍ୟୁନିଟି ରିଲେସନ ଏଭିପି ଡ. ଲୋପାମୁଦ୍ରା ପ୍ରିୟଦର୍ଶିନୀ ନୂଆ ଅଭ୍ୟୁଦୟ ହେଉଥିବା ଶିଳ୍ପସଂସ୍ଥାଗୁଡ଼ିକର ସ୍ଥିର ପ୍ରଦର୍ଶନ ପାଇଁ କେତେକ ଟିପ୍ସ ଦେଇଥିଲେ। ଏଥିରେ ମେକେମ ପ୍ରା. ଲି.ର ନିର୍ଦ୍ଦେଶକ ଜେ. କେ. ରଥ, ଆଲୁମ୍ନି ନେଟୱର୍କ ପ୍ରା. ଲି.ର ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ଚିତ୍ରାଲା ପ୍ରମୁଖ ଶିଳ୍ପୋଦ୍ୟୋଗ କ୍ଷେତ୍ରରେ ନିଜ ଦୁଃସାହସିକ ଯାତ୍ରାର ଖୁବ ସୁନ୍ଦର ଭାବରେ ବର୍ଣ୍ଣନା କରିଥିଲେ। ଇଡିଆଇର ପୂର୍ବାଞ୍ଚଳ ମୁଖ୍ୟ ଡ. ସୁବ୍ରତ କୁମାର ବିଶ୍ୱାଳ ସାର୍ବଜନୀନ ନୀତି ଓ ସୁଶାସନ ବ୍ୟବସ୍ଥା ଉପରେ କହିଥିଲେ।

ସମାଜ

The Samaja

ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

**07.02.2024**

ସମାଜ କୃଷ୍ଟ

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ

# ଏସକ୍ୟୁଏଲ୍ ତାଲିମ ପାଇଁ ଏଆଇୟୁ-ଏସଏସୟୁ ଅନୁବନ୍ଧିତ

ତ୍ରିଶୂଳିଆ,୬।୨(ନି.ପ୍ର):ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟରେ 'ସ୍ମାର୍ଟ ଅଫିସ ଅଟୋମେସନ ୱିଥ୍ ଇଣ୍ଟିଗ୍ରେସନ ଅଫ୍ ଏକ୍ସେଲ୍ ଆଣ୍ଡ ମାଇଁଏସକ୍ୟୁଏଲ୍' ଆଭାସିରେ ପ୍ରଶାସନିକ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉଚ୍ଚଶିକ୍ଷା ଅନୁଷ୍ଠାନରେ କାର୍ଯ୍ୟରତ ଅଧ୍ୟାପକ, ଗବେଷକ ତଥା ପ୍ରଶାସନିକ ପଦାଧିକାରୀଙ୍କ ପାରମ୍ପରିକ ଗବେଷଣା ବଦଳରେ ନୂତନ ଉପକରଣ, ବୈଷୟିକ ଜ୍ଞାନକୌଶଳରେ ସଶକ୍ତ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। କୁଳପତି ପ୍ରଫେସର ବି. ଆର. ଶର୍ମା, ଆସୋସିଏସନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜର ଯୁଗ୍ମ ନିର୍ଦ୍ଦେଶକ ଡ.. ଅମରେନ୍ଦ୍ର ପାଣି, ଏଚଆରଡିସି ନିର୍ଦ୍ଦେଶକ ଏବଂ ଏଚଆଇୟୁ-ଏଏଡିସି ପକ୍ଷରୁ ନୋଡାଲ ଅଧିକାରୀ ଡ.. ବିଜୟଲକ୍ଷ୍ମୀ ମହାନ୍ତି ଶିବିର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ପ୍ରବନ୍ଧକ ଡ. ଦୀପା ବିନୟ ଏବଂ ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ଆଭାସିରେ ଅଂଶଗ୍ରହଣ କରିଥିଲେ। ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ସୁଧୀର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆୟୋଜକ କମିଟିରେ ଉଦ୍ୟୋକ୍ତା ଏଆଇୟୁର ସାଧାରଣ ସଚିବ ପ୍ରଫେସର ପଙ୍କଜ ମିତ୍ତଲ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରଞ୍ଜିତା କୁଲକର୍ଣ୍ଣୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି. ଆର୍. ଶର୍ମା ପ୍ରମୁଖ ସାମିଲ ଥିଲେ।



7 Feb 2024

# Sri Sri University Announces Online Administrative Development Program

**Sri Sri University is conducting an online Administrative Development Program titled 'Smart Office Automation with Integration of Excel and MySQL' from 5th to 11th February 2024. The program aims to enhance the administrative capabilities of faculty, researchers, and staff of Higher Education Institutions with advanced techniques and tools. The program, jointly certified by AIU and SSU, was inaugurated by several dignitaries, including Gurudev Sri Sri Ravi Shankar.**




*Sri Sri University Announces Online Administrative Development Program*

In a bid to advance administrative capabilities in Higher Education Institutions (HEIs), the **Sri Sri University (SSU)** in Cuttack, Odisha, is set to conduct an online Administrative Development Program (ADP).

Titled **'Smart Office Automation with Integration of Excel and MySQL'**, the program is slated to run from 5th to 11th February 2024.

## Empowering HEIs with Advanced Tools

Targeted at faculty members, researchers, and administrative functionaries, the initiative aims to arm these professionals with advanced techniques and tools pivotal to office automation and database management. Encompassing areas such as creating and maintaining databases, tables, SQL, and data operations, the program seeks to instill proficiency in emerging tools among academic administrators.

## Joint Certification by AIU and SSU

The program is a product of joint certification from the **Association of Indian Universities (AIU)** and SSU, with 56 participants currently enrolled. This collaborative effort signifies a shared commitment to enhancing the professional capabilities of faculty and administrative staff in HEIs.

## Inauguration Attended by Dignitaries

The inauguration of the program witnessed an array of notable personalities in attendance. Among those present were **Prof. Mrs. Rajita Kulkarni**, President of SSU, **Prof. B. R. Sharma**, Vice-Chancellor, and **Dr. Amarendra Pani**, Joint Director of AIU. The center, inaugurated by **Gurudev Sri Sri Ravi Shankar** on 9th November 2023, was commended for being chosen as one of 10 centers for AIU-AADC.

orissadiary.com
Fueling Brand Odisha Since 20 Years

February 7, 2024

# AIU-SSU-AADC offers Tech-based ADP in its first offering




· SSU is privileged to become one of the 10 centres- Prof. Kulkarni

Cuttack: Sri Sri University, Cuttack, Odisha is pleased to announce a significant opportunity for Higher Education Institutions worldwide. An online Administrative Development Program (ADP) focusing on 'Smart Office Automation with Integration of Excel and MySQL' is scheduled from 5th to 11th February 2024. The training sessions will be conducted from 3 pm to 5 pm online. This program is designed to empower faculty members, researchers, and administrative functionaries of Higher Education Institutions (HEIs) with cutting-edge tools, techniques, and insights that go beyond traditional research boundaries.
On the inaugural day of the online program, Prof. Mrs. Rajita Kulkarni, President, Sri Sri University, thanked AIU for considering the University to establish AIU-AADC which is privileged to be one of the 10 selected centers. Prof. B. R. Sharma, Vice-Chancellor, commended the initiative of the team members of SSU and AIU and congratulated the Center. Dr. Amarendra Pani, Joint Director of the Association of Indian Universities, emphasized the importance of technology in the proposed programs for both teaching and non-teaching faculty of HEIs. He expressed his pleasure over the commitment shown by Sri

Sri University to best utilize the opportunity for strengthening HEIs of India. Dr. Vijaya Lakshmi Mohanty, Director of HRDC and Nodal Officer of AIU-SSU-AADC, provided detailed insights into the center's plans. Dr. Deepa Vinay, Executive Registrar, and Swami Satya Chaitanya, Director of Operations, Sri Sri University spoke about the importance of the center and the tech-based programme that it will offer. Dr. Sudhir Kumar Mohapatra, Director, IQAC has offered vote of thanks. He is also the resource person and curator of the 7-day online workshop.
The ADP aims to offer participants a comprehensive understanding of advanced techniques in Smart Office Automation with the Integration of Excel and MySQL. It will be facilitated by experts in the field, providing personalized guidance and mentorship throughout the program. The program is a joint certification from the Association of Indian Universities and Sri Sri University. 56 participants have enrolled in the Programme.

This initiative promises to empower faculty members, researchers, and administrative functionaries of Higher Education Institutions with the latest tools, techniques, and insights that transcend traditional research boundaries. The program will cover topics such as creating and maintaining databases, tables, and SQL, conceptualizing and implementing MySQL courses, importing, updating, and deleting records from tables (MYSQL), analyzing relational and logical operators, applying operators to data, and using string matching with the like operator in SQL (MYSQL). The program targets faculty members, researchers, and administrative functionaries of Higher Education Institutions.

The organizing committee includes patrons viz., Prof. Pankaj Mittal, Secretary General, Association of Indian Universities, New Delhi. The inauguration was attended by Dr. Usha Rai Negi, Assistant Director, Research, AIU, Ms. Sonali Das, Coordinator- PR, and Mr. Kapil Rajwani, Technical Officer,SSU among others.

Gurudev Sri Sri Ravi Shankar, founder and Lifetime President of Sri Sri University, inaugurated AIU-SSU-AADC on 9th November 2023. This center promises to make faculty and academic administrators in emerging tools to make their work smarter, better and establish themselves as valued professionals in HEIs.

February 7, 2024

# ମିନି ମାରାଥନରେ ମନ ଜିଣିଥିଲା ଟିମ୍ ଓରିଅନ୍ ଏବଂ ଡ୍ୟାନ୍ସ କ୍ଲବର ଚମତ୍କାର ପ୍ରଦର୍ଶନ




**ଭୁବନେଶ୍ୱର:** ବିଶ୍ୱ କର୍କଟ ଦିବସ ଅବସରରେ ଜୀବନ ଆଡ଼କୁ ଦୌଡ଼ର ବାର୍ତ୍ତା ନେଇ ଚେତନତା ଉଦ୍ଦେଶ୍ୟରେ ଓଟିଭି ଦ୍ୱାରା ଆୟୋଜିତ ମିନି ମାରାଥନରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଯେମିତିକି ଶ୍ରୀଶ୍ରୀ ୟୁନିଭର୍ସିଟି, ସେଂଚୁରିୟନ ୟୁନିଭର୍ସିଟି, ଗୀତା କଲେଜ, ଓଡିଏମ ଏଜୁକେସ୍ନାଲ ଗ୍ରୁପ, ଆପୋଲୋ ହସ୍ପିଟାଲ, ମେଟ୍ରୋ ଗ୍ରୁପ, ସିନେତାରକା, ବିଭିନ୍ନ କ୍ଲବ, ଜନସାଧରଣ, ଓଟିଭିର କର୍ମଚାରୀ ଭାଗ ନେଇଥିଲେ। ମଞ୍ଚରେ ଉପସ୍ଥିତ ଥିଲେ ଅଲିମ୍ପିଆନ୍ ତଥା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଜିଏମ୍ ଦିନେଶ ପୃଥ୍ୱୀ ଓ ଆପୋଲୋ ହସ୍ପିଟାଲ ସିଓଓ ଆଲୋକ ଶ୍ରୀବାସ୍ତବଙ୍କ ସହ ଓଟିଭି ନେଟୱର୍କର ଏମଡି ଜଗି ମଙ୍ଗତ ପଣ୍ଡା ପ୍ରମୁଖ।




ଓଡ଼ିଶା ଟେଲିଭିଜନ ଦ୍ୱାରା ଆୟୋଜିତ ମିନି ମାରାଥନରେ ଲୋକଙ୍କ ମନ ଜିଣିଥିଲା ଟିମ୍ ଓରିଅନ୍ ଏବଂ ଡ୍ୟାନ୍ସ କ୍ଲବର ଚମତ୍କାର ପ୍ରଦର୍ଶନ । ଏହି ଚମତ୍କାର ପ୍ରଦର୍ଶନରେ ପ୍ରାୟ 60 ଜଣ ଛାତ୍ର-ଛାତ୍ରୀ ଭାଗ ନେଇଥିଲେ । ଇଭେଣ୍ଟକୁ ସଫଳ ବନାଇବା ସହିତ ଦର୍ଶକଙ୍କ ମନରେ ନିଜ ଛାପ ଛାଡିଦେଇଥିଲେ।




ଏହି ପ୍ରଦର୍ଶନ ଏକ ସାମୂହିକ ପ୍ରୟାସ ଭାବରେ ଉଦ୍ଯୋଚିତ ହୋଇଥିଲା, ଯାହା ଛାତ୍ର ସମ୍ପ୍ରଦାୟ ମଧ୍ୟରେ ବିଭିନ୍ନ ପ୍ରତିଭା ପ୍ରଦର୍ଶନ କରିଥିଲା | ଟିମ୍ ଓରିଅନ୍ ଏବଂ ଡ୍ୟାନ୍ସ କ୍ଲବ୍ ନିରବଚ୍ଛିନ୍ନ ଭାବରେ ସେମାନଙ୍କର ଦକ୍ଷତାକୁ ମିଶ୍ରଣ କରି ଏକ ଦୃଶ୍ୟ ସୃଷ୍ଟି କରିଥିଲେ ଯାହା କେବଳ ମିନି ମାରାଥନକୁ ଉନ୍ନତ କରିନଥିଲା ବରଂ ଇଭେଣ୍ଟରେ ଏକ ନୂତନ ଦିଗ ମଧ ଯୋଡି ଦେଇଥିଲା|



ସିଂକ୍ରୋନାଇଜ୍ କୋରିଓଗ୍ରାଫି, ଭାଇବ୍ରଣ୍ଟ ଏନର୍ଜି ଏବଂ ଅଭିନବ ଉପସ୍ଥାପନା ଦର୍ଶକଙ୍କୁ ଆକର୍ଷିତ କରିଥିଲା, ଯାହା ଏହି ଉତ୍ସବକୁ ସ୍ମରଣୀୟ କରିଦେଲା | ଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ସେମାନଙ୍କର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିନଥିଲା ବରଂ ଦଳଗତ କାର୍ଯ୍ୟ ଏବଂ ସହଯୋଗର ସକରାତ୍ମକ ପ୍ରଭାବ ମଧ୍ୟ ପ୍ରଦର୍ଶନ କରିଥିଲା|

rissadiary • com
Fueling Brand Odisha Since 20 Years
14.02.2024

# Marketing In The Automated Era: 7th Marketing Conclave Of FMS, Sri Sri University

By OdAdmin On Feb 14, 2024

Share

Cuttack: Sri Sri University hosted the 7th Marketing Conclave of the Faculty of Management Studies on the weekend of February 10, 2024. The event delved into the theme 'Marketing in the Automated Era,' featuring valuable insights from business leaders and experts in the field.

In the inaugural session, esteemed speakers included Prof. Dr. D. D. Swain, Dean of FMS, Sri Sri University; Swami Satyachaitanya, Director of Operations; Prof. Anil Kumar Sharma, Dean- Academic & Research; Dr. Deepa Vinay, Executive Registrar at SSU; and Mr. Manish Kumar Pandey, Chief of Cyber Security of Europe and Asia Specific Region Infosys.

Mr. Pandey emphasized the evolving consumer behaviour in the digitally savvy age and the rising popularity of companies like ChatGPT. He discussed the role of Generative AI in identifying market segments, enhancing marketing, and improving customer acquisition. Highlighting the importance of values, data security, privacy, and market demands, he stressed the need for careful consideration of cyber security in AI usage. Mr.

Pandey also drew insights from the 'Srimad Bhagavad Geeta' to analyze the competitiveness of products in the market.

Prof. Sharma infused humour into his speech with a Hindi song, emphasizing the ethical values essential in the marketing profession. Dr. Deepa Vinay shared marketing strategies of select brands, while Swami Satya Chaitanya conveyed, "Marketing is not about selling or displaying your product; successful marketing is when your consumers sell it through their experience." Shruti Salunkhe hosted the inaugural session, and after its conclusion, Dr. Prabhuram Tripathy, Assistant Professor, FMS, and the convenor of the conclave offered the vote of thanks.

Subsequent panel discussions explored topics such as 'Marketing, Innovation, Technology & Entrepreneurship.' Dr. Simanta Mohanty highlighted the importance of knowledge sharing, technology, and automation in business and marketing. Prof. Punyaslok Dhall discussed the core principles of marketing, including revenue-driven strategies and distribution processes. Mr. Ayaskanta Mohany emphasized the role of marketing in entrepreneurial endeavors, focusing on clarity, communication skills, and confidence.

In the second panel discussion, Founder & CEO of Computer LAB Mr. Santosh Kumar Sahoo, President of Luminous Infoways Pvt Ltd Rotarian Jayashree Mohanty, Director, Metro Group Ms. Sofia Firdous, President, Sea foods exporters Association of India (Odisha Chapter) Dr. Kamalesh Mishra, Manging Director of Tushi Motors Pvt Ltd Ms. Preeti Pallavi Pattnaik were the eminent speakers to address the students. Both panel discussions have been coordinated by the Dean, Faculty of Management Studies, Sri Sri University.

The post-lunch session featured paper presentations by students, with Binayak Pati, Ruchika Mishra, and Ankita Samantasinghara securing the top three positions. The quiz competition, moderated by Mr. Bharat

Bhushan Dash, showcased the group led by Sheetu and Aniket as the winners, and Sarthak and Gulrez as the first runners-up. Prof. Subhash Nath, Area Chair of Marketing, delivered a valuable speech, concluding the event as a grand success.

ଓଡ଼ିଶା NEWS
13.02.2024

# ଉଦ୍ୟୋଗ ଓ ବାଣିଜ୍ୟ ଉପରେ କର୍ମଶାଳା, ବିଶିଷ୍ଟ ବ୍ୟବସାୟୀଙ୍କ ମାର୍ଗଦର୍ଶନ

କଟକ: ଚଳିତ ସପ୍ତାହାନ୍ତ ଶନିବାର ଦିନ ସ୍ଥାନୀୟ ବିଦ୍ୟାଧରପୁରସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ବର୍ତ୍ତମାନ ସମୟର ଶ୍ରେଷ୍ଠ 'ବାଣିଜ୍ୟ ବ୍ୟକ୍ତିତ୍ୱ'ମାନଙ୍କର ବହୁମୂଲ୍ୟ ଅଭିଭାଷଣ ଶୁଣିବାର ସୌଭାଗ୍ୟ ଅର୍ଜନ କରିଥିଲା। ୧୦ ଫେବ୍ରୁଆରୀ ୨୦୨୪ରେ ଆୟୋଜିତ ଏହା ଥିଲା 'ଫାକଲଟି ଅଫ୍ ମାର୍କେଟିଂ ଷ୍ଟଡିଜ'ର ସପ୍ତମ ମାର୍କେଟିଂ କନକ୍ଲେଭ୍, ଯ



*Startup Seminar*: କଟକ: ଚଳିତ ସପ୍ତାହାନ୍ତ ଶନିବାର ଦିନ ସ୍ଥାନୀୟ ବିଦ୍ୟାଧରପୁରସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ବର୍ତ୍ତମାନ ସମୟର ଶ୍ରେଷ୍ଠ 'ବାଣିଜ୍ୟ ବ୍ୟକ୍ତିତ୍ୱ'ମାନଙ୍କର ବହୁମୂଲ୍ୟ ଅଭିଭାଷଣ ଶୁଣିବାର ସୌଭାଗ୍ୟ ଅର୍ଜନ କରିଥିଲା। ୧୦ ଫେବ୍ରୁଆରୀ ୨୦୨୪ରେ ଆୟୋଜିତ ଏହା ଥିଲା 'ଫାକଲଟି ଅଫ୍ ମାର୍କେଟିଂ ଷ୍ଟଡିଜ'ର ସପ୍ତମ ମାର୍କେଟିଂ କନକ୍ଲେଭ୍, ଯେଉଁଥିରେ ବ୍ୟବସାୟ ଜଗତର ଦଶରୁ ଅଧିକ ସଫଳ ବ୍ୟକ୍ତିତ୍ୱ ନିଜର ବହୁମୂଲ୍ୟ ଅଭିଭାଷଣ ପ୍ରଦାନ କରି କନକ୍ଲେଭକୁ ସମୃଦ୍ଧ କରିଥିଲେ।   'ମାର୍କେଟିଂ ଇନ୍ ଦି ଅଟୋମେଟେଡ୍ ଏରା ' ବା ସ୍ୱୟଂକ୍ରିୟ ଯୁଗରେ ବିପଣନ' ଶୀର୍ଷକ କର୍ମଶାଳା ଗତ ଶନିବାର ଉଦଘାଟିତ ହୋଇଥିଲା। ପ୍ରଫେସନାଲମାନଙ୍କର ଆଖିଦୃଶିଆ ଭିଡ଼, ଶିଳ୍ପ ସହ ଜଡିତ ବ୍ୟକ୍ତିବିଶେଷମାନଙ୍କର ସମୟୋପଯୋଗୀ ଓ ସାରଗର୍ଭକ ଅଭିଭାଷଣ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବିଷୟ ସମ୍ପର୍କରେ ଉପଯୁକ୍ତ ଧାରଣା ଦେବାରେ ସକ୍ଷମ ହୋଇଥିଲା।

ଉଦଘାଟନୀ ସମାରୋହରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏଫ୍‌ଏମ୍‌ଏସ୍ ବିଭାଗ ଡିନ୍ ଡଃ. ଡି. ଡି. ସ୍ୱାଇଁ, ଡାଇରେକ୍ଟର ଅପରେସନ୍ସ ସ୍ୱାମୀ ସତ୍ୟଚୈତନ୍ୟ, ଏସଏସୟୁ ଏକାଡେମିକ୍ ଓ ରିସର୍ଚ୍ଚ ବିଭାଗ ଡିନ୍ ଅନିଲ କୁମାର ଶର୍ମା, ଏସଏସୟୁ କାର୍ଯ୍ୟନିର୍ବାହୀ ପ୍ରବନ୍ଧକ ଡଃ. ଦୀପା ବିନୟ ଏବଂ ୟୁରୋପ ଓ ଏସିଆ ପ୍ୟେସିଫିକ୍ ରିଜିଅନ୍ ଇନଫୋସିସର ସାଇବର ନିରାପତ୍ତା ବିଭାଗ ମୁଖ୍ୟ ମନିଷ କୁମାର ପାଣ୍ଡେ ପ୍ରମୁଖ ବକ୍ତା ଭାବରେ ଯୋଗଦାନ କରିଥିଲେ। ପ୍ରଫେସର ଡଃ. ଶର୍ମା 'ବଟକେ ରେହନାରେ ବାବା, ବଟକେ ରେହନାରେ...' ଭଳି ଏକ ବ୍ୟଙ୍ଗାତ୍ମକ ବଲିଉଡ୍ ଗୀତ ସହ ନିଜ ବକ୍ତବ୍ୟ ଆରମ୍ଭ କରିଥିଲେ। ଏଥିସହ କିଭଳି ବଜାର ବିକଶିତ ଓ ଉନ୍ନତ ହେଉଛି ତାହା ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପାଣ୍ଡେ ମାର୍କେଟିଂ ଏଆଇ, ଚାଟ୍ ଜିପିଟି ମାର୍କେଟିଂରେ ଶ୍ରୀମଦ୍ ଭାଗବତ ଗୀତାର ମୂଲ୍ୟ କଥା ଉଲ୍ଲେଖ କରିଥିଲେ । ଉଦଘାଟନୀ ଅଧିବେଶନକୁ ଶ୍ରୁତି ସାଲୁଙ୍କେ ପରିଚାଳନା କରିଥିବା ବେଳେ ଅଧିବେଶନର ପରିସମାପ୍ତିରେ କନକ୍ଲେଭର ଆବାହକ ଡଃ. ପ୍ରଭୁରାମ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଡଃ. ସୀମାନ୍ତ ମହାନ୍ତି ବ୍ୟବସାୟ ଓ ବିପଣନ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ କଥା କହିବା ସହ ଟେକ୍ନୋନିକ୍ ସିଫ୍ଟରେ ବୈଷୟିକ ଜ୍ଞାନକୌଶଳର ଭୂମିକା କଥା ବର୍ଣ୍ଣନା କରିଥିଲେ । ପ୍ରଫେସର ଡଃ. ଧଳ ନିରନ୍ତର ଶିକ୍ଷାଲାଭର ଉନ୍ନତ ଦିଗ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଡଃ. ଅୟସକାନ୍ତ ମହାନ୍ତି ଶିଳ୍ପୋଦ୍ୟୋଗ ଉଦ୍ୟମରେ ବିପଣନର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ ।

OdishaRay

14.02.2024

# SRI SRI UNIVERSITY HOSTS 7TH MARKETING CONCLAVE OF FACULTY OF MANAGEMENT STUDIES




Cuttack(14/02/2024): Sri Sri University hosted the 7th Marketing Conclave of the Faculty of Management Studies on the weekend of February 10, 2024.

The event delved into the theme 'Marketing in the Automated Era,' featuring valuable insights from business leaders and experts in the field. In the inaugural session, esteemed speakers included Prof.Dr.D.D.Swain, Dean of FMS, Sri Sri University; Swami Satyachaitanya, Director of Operations; Prof.Anil Kumar Sharma, Dean- Academic & Research; Dr.Deepa Vinay, Executive Registrar at SSU; and Manish Kumar Pandey, Chief of Cyber Security of Europe and Asia Specific Region Infosys. Pandey emphasized the evolving consumer behaviour in the digitally savvy age and the rising popularity of companies like ChatGPT.

He discussed the role of Generative AI in identifying market segments, enhancing marketing, and improving customer acquisition.

Highlighting the importance of values, data security, privacy, and market demands, he stressed the need for careful consideration of cyber security in AI usage.

Pandey also drew insights from the 'Srimad Bhagavad Geeta' to analyze the competitiveness of products in the market. Prof.Sharma infused humour into his speech with a Hindi song, emphasizing the ethical values essential in the marketing profession.

Dr.Deepa Vinay shared marketing strategies of select brands, while Swami Satya Chaitanya conveyed, "Marketing is not about selling or displaying your product; successful marketing is when your consumers sell it through their experience." Shruti Salunkhe hosted the inaugural session, and after its conclusion, Dr.Prabhuram Tripathy, Assistant Professor, FMS, and the convenor of the conclave offered the vote of thanks. Subsequent panel discussions explored topics such as 'Marketing, Innovation, Technology & Entrepreneurship.' Dr.Simanta Mohanty highlighted the importance of knowledge sharing, technology, and automation in business and marketing.

Prof.Punyaslok Dhall discussed the core principles of marketing, including revenue-driven strategies and distribution processes.

Ayaskanta Mohanty emphasized the role of marketing in entrepreneurial endeavors, focusing on clarity, communication skills, and confidence. In the second panel discussion, Founder & CEO of Computer LAB Santosh Kumar Sahoo, President of Luminous Infoways Pvt Ltd Rotarian Jayashree Mohanty, Director, Metro Group Sofia Firdous, President, Sea foods exporters Association of India (Odisha Chapter) Dr.Kamalesh Mishra, Manging Director of Tushi Motors Pvt Ltd Preeti Pallavi Pattnaik were the eminent speakers to address the students.

Both panel discussions have been coordinated by the Dean, Faculty of Management Studies, Sri Sri University.

The post-lunch session featured paper presentations by students, with Binayak Pati, Ruchika Mishra, and Ankita Samantasinghara securing the top three positions.

The quiz competition, moderated by Bharat Bhushan Dash, showcased the group led by Sheetu and Aniket as the winners, and Sarthak and Gulrez as the first runners-up.

Prof.Subhash Nath, Area Chair of Marketing, delivered a valuable speech, concluding the event as a grand success.

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁଦାସ୍

17.02.2024

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପୀଡ଼ା ନିବାରକ କର୍ମଶାଳା



ତ୍ରିଶୂଳିଆ/ବାରଙ୍ଗ,୧୭।୨(ନି.ପ୍ର): ନରାଜ ଅରିଲୋ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଶନିବାର ଇଣ୍ଟ୍ରୋଡକ୍ସନ୍ ଟୁ ଏଲ୍ ଆଣ୍ଡ ବି ପେନ୍ ଥେରାପି' ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଏସିଆ ମହାଦେଶରେ ଏହି ଧରଣର କର୍ମଶାଳା ଆୟୋଜନ କରିବା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ । ଏହି କର୍ମଶାଳାରେ ବହୁ ବିଶେଷଜ୍ଞ, ମେଡିକାଲ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟର ତୁଙ୍ଗ ସ୍ଥାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଏଥିରେ 'ଲିବସର୍ ବ୍ରାଟ୍ ପେନ୍ ଥେରାପି'ର ପ୍ରତିଷ୍ଠାତା ତଥା ଜର୍ମାନୀର ଜଣେ ପ୍ରସିଦ୍ଧ 'ପୀଡ଼ା ନିବାରଣ ବିଶେଷଜ୍ଞ' ଡା. ରୋଲାଣ୍ଡ ଲିବସର୍ ବ୍ରାଟ୍ ଅତିଥି ଭାବରେ ସାରା ବିଶ୍ୱରେ ପୀଡ଼ା ନିବାରଣ ଚିକିତ୍ସା କ୍ଷେତ୍ରରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଉପରେ ମତବ୍ୟକ୍ତ କରିଥିଲେ । ପୀଡ଼ା ଚିକିତ୍ସା କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ଏବଂ ନୂତନ ଦୃଷ୍ଟିଭଙ୍ଗୀ ଦ୍ୱାରା ଉପସ୍ଥିତ ବ୍ୟକ୍ତିମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ମାନସିକ ଶାନ୍ତି ନିମନ୍ତେ ମଧ୍ୟ ପଥ ଉନ୍ମୁକ୍ତ ହେବ ବୋଲି ସେ ମତ ପ୍ରକାଶ କରିଥିଲା । ଶରୀରର ଏଭଳି ୭୨ ଟି ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରି ସେ ତହିଁରେ ଚିକିତ୍ସା ଆରମ୍ଭ କରି ଆଶାତୀତ ସଫଳତା ହାସଲ ହୋଇଛନ୍ତି । ଡା. ବ୍ରାଟ୍ ସାରା ବିଶ୍ୱର ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଜର୍ମାନ୍ ଭାଷାଭାଷୀ ଲୋକଙ୍କ ଜୀବନକୁ ପୀଡା ମୁକ୍ତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଏହି କର୍ମଶାଳାରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣି ବିଶ୍ୱର ସର୍ବଶ୍ରେଷ୍ଠ ପ୍ରଫେସନାଲଙ୍କୁ ଓଡ଼ିଶା ଆଣିବା ସାଙ୍ଗକୁ ରାଜ୍ୟର ସର୍ବଶ୍ରେଷ୍ଠ ପ୍ରଫେସନାଲଙ୍କୁ ମଧ୍ୟ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ । କୁଳପତି ପ୍ରଫେସର ବି. ଆର୍. ଶର୍ମା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ହେଉଥିବା ଉଦ୍ୟମ ସମ୍ପର୍କରେ ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗର ଡା. ନିକିତା ମିରାଜକର ନିଜ ଅନୁଭୂତି କଥା ବର୍ଣ୍ଣନା କରିଥିଲେ ।

ପ୍ରମେୟ
THE PRAMEYA

17.02.2024

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଥେରାପି କର୍ମଶାଳା

## ଜର୍ମାନୀ ବିଶେଷଜ୍ଞ ଡ. ରୋଲାଣ୍ଡ ଲିବସର୍ ବ୍ରାଟ୍‌ଙ୍କ ଉଦ୍‌ବୋଧନ




ବାରଙ୍ଗ,୧୭ ।୨(ଆପ୍ର): ବାରଙ୍ଗ ସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର 'ଏଲ୍ ଆଣ୍ଡ୍ ବି ପେନ୍ ଥେରାପି' ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । 'ଲିବସର୍ ବ୍ରାଟ୍ ପେନ୍ ଥେରାପି' ପ୍ରତିଷ୍ଠାତା ତଥା ଜର୍ମାନୀର ଜଣେ ପ୍ରସିଦ୍ଧ ପୀଡ଼ା ନିବାରଣ ବିଶେଷଜ୍ଞ ଡ. ରୋଲାଣ୍ଡ ଲିବସର୍ ବ୍ରାଟ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଥିବା ଅଷ୍ଟିଓପ୍ୟାଥି, ଆୟୁର୍ବେଦ, ନର୍ସିଂ ଏବଂ ଯୋଗ ଉପରେ ଉଦ୍‌ବୋଧନ ଦେଇ ପୀଡ଼ା ନିବାରକ ଥେରାପି ସମ୍ପର୍କରେ ବିସ୍ତୃତ ଭାବେ ଛାତ୍ର ଛାତ୍ରୀମାନଙ୍କୁ ବୁଝାଇଥିଲେ । କର୍ମଶାଳାରେ ବିଶ୍ୱବିଦ୍ୟାଳୟ ଅଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ବି. ଆର୍ ଶର୍ମା ଉପସ୍ଥିତ ଥିଲେ । ଡ. ରୋଲାଣ୍ଡ ଲିବସର୍ ବ୍ରାଟ୍ ଓ ତାଙ୍କ ପତ୍ନୀ ଡ. ପେଟ୍ରା ବ୍ରାଟଙ୍କର ସାରା ବିଶ୍ୱରେ ପୀଡ଼ା ନିବାରଣ ଚିକିତ୍ସା କ୍ଷେତ୍ରରେ ୩୦ ବର୍ଷର ଅଭିଜ୍ଞତା ରହିଛି । ତାଙ୍କ ଚିକିତ୍ସା ପଦ୍ଧତି ସମଗ୍ର ବିଶ୍ୱରେ ବେଶ ଆଦୃତି ଲାଭ କରିବା ସହିତ ଦୁରାରୋଗ ଯନ୍ତ୍ରଣାର ଉପଶମ ମିଳିପାରୁଛି । ସେ ଭାରତ ଆସିଥିବାରୁ ତାଙ୍କ ଅଭିଜ୍ଞତା ପୀଡ଼ା ଚିକିତ୍ସା କ୍ଷେତ୍ରରେ ଯଥେଷ୍ଟ ଲାଭ ମିଳିପାରିବ ବୋଲି କର୍ମଶାଳାରେ ଉପସ୍ଥିତ ଅତିଥିମାନେ ମତପୋଷଣ କରିଥିଲେ । କର୍ମଶାଳାରେ ବହୁ ବିଶେଷଜ୍ଞ, ମେଡିକାଲ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI

17.02.2024

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଏଲ୍ ଆଣ୍ଡ୍ ବି ପୀଡ଼ା ନିବାରକ କର୍ମଶାଳା

## ଜର୍ମାନୀର ପ୍ରସିଦ୍ଧ ପୀଡ଼ା ନିବାରଣ ବିଶେଷଜ୍ଞଙ୍କ ଯୋଗଦାନ

ବାରଙ୍ଗ,୧୬।୨(ଲିଙ୍ଗରାଜ ରାଉତ)




ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଶନିବାର 'ଇଣ୍ଟ୍ରୋଡକ୍ସନ ଟୁ ଏଲ୍ ଆଣ୍ଡ ବି ପେନ୍ ଥେରାପି' ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏସିଆ ମହାଦେଶରେ ଏହି ଧରଣର କର୍ମଶାଳା ଆୟୋଜନ କରିବା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ। କର୍ମଶାଳାରେ ବହୁ ବିଶେଷଜ୍ଞ, ମେଡିକାଲ ଛାତ୍ରୀଛାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର କୁଳ ସ୍ଥାନୀୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଏଥିରେ 'ଲିବସ୍ଚର୍ ବ୍ରାଚ୍ ପେନ୍ ଥେରାପି'ର ପ୍ରତିଷ୍ଠାତା ତଥା ଜର୍ମାନୀର ପ୍ରସିଦ୍ଧ ପୀଡ଼ା ନିବାରଣ ବିଶେଷଜ୍ଞ ଡା. ରୋଲାଣ୍ଡ ଲିବସର୍ ବ୍ରାଚ୍ ଅତିଥି ଭାବେ ଯୋଗଦେଇ ସାରା ବିଶ୍ୱରେ ପୀଡ଼ା ନିବାରଣ ଚିକିତ୍ସା କ୍ଷେତ୍ରରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଉପରେ ମତବ୍ୟକ୍ତ କରିଥିଲେ। ତାଙ୍କ ଅଭିଜ୍ଞତା, ପୀଡ଼ା ଚିକିତ୍ସା କ୍ଷେତ୍ରରେ ବିଶେଷଜ୍ଞତା ଏବଂ ନୂତନ ଦୃଷ୍ଟିଭଙ୍ଗୀ ଦ୍ୱାରା ଉପସ୍ଥିତ ବ୍ୟକ୍ତିଙ୍କୁ ବିଭିନ୍ନ ପରାମର୍ଶ ଓ ଉଦାହରଣ ଦେଇ ବୁଝାଇଥିଲେ। ଏହାଦ୍ୱାରା ମାନସିକ ଶାନ୍ତି ନିମନ୍ତେ ମଧ୍ୟ ପଥ ଉନ୍ମୁକ୍ତ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ଶରୀରର ଏଭଳି ୭୨ଟି ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରି ସେ ତହିଁରେ ଚିକିତ୍ସା ଆରମ୍ଭ କରି ଆଶାତୀତ ସଫଳତା ପ୍ରାପ୍ତ ହୋଇଛନ୍ତି। ଡା. ବ୍ରାଚ୍ ସାରା ବିଶ୍ୱର ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଜର୍ମାନ୍ ଭାଷାଭାଷୀ ଲୋକଙ୍କ ଜୀବନକୁ ପୀଡ଼ା ମୁକ୍ତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ୟୁରୋପରେ ଏହି ଚିକିତ୍ସା ପଦ୍ଧତି ଖୁବ୍ ଲୋକପ୍ରିୟତା ହାସଲ କରିଥିବାବେଳେ ୧୩ ହଜାରରୁ ଅଧିକ ଡାକ୍ତରଙ୍କୁ ସେ ତାଲିମ ପ୍ରଦାନ କରିଛନ୍ତି। କର୍ମଶାଳାରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ବିଶ୍ୱର ସର୍ବଶ୍ରେଷ୍ଠ ପ୍ରଫେସନାଲଙ୍କୁ ଓଡ଼ିଶା ଆଣିବା ସାଙ୍ଗକୁ ରାଜ୍ୟର ସର୍ବଶ୍ରେଷ୍ଠ ପ୍ରଫେସନାଲଙ୍କୁ ମଧ୍ୟ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। କୁଳପତି ପ୍ରଫେସର ବି. ଆର୍. ଶର୍ମା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ହେଉଥିବା ଉଦ୍ୟମ ସମ୍ପର୍କରେ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗର ଏସିଷ୍ଟାଣ୍ଟ ପ୍ରଫେସର ଡା. ନିକିତା ମିରାଜକର ନିଜ ଅଙ୍ଗେନିଭା ଅନୁଭୂତି କଥା ବର୍ଣ୍ଣନା କରିଥିଲେ।

ସକାଳ
THE SAKALA

17.02.2024

# ଏସିଆରେ ପ୍ରଥମଥର ପାଇଁ 'ଏଲ୍ ଆଣ୍ଡ ବି ପୀଡ଼ା ନିବାରକ କର୍ମଶାଳା'

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କର୍ମଶାଳାରେ ଯୋଗଦେଲେ ଜର୍ମାନୀର ପ୍ରସିଦ୍ଧ ପୀଡ଼ା ନିବାରଣ ବିଶେଷଜ୍ଞ




ବାରଙ୍ଗ,୧୬।୨(ସମିସ)

